# Akashvani, Sambalpur

## SAMBALPURI NEWS EVENING BULLETIN

## 20 April 2026-7.02- 7.12 pm.

---

୧- ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ଦିନ୍‌କିଆ ଗସ୍ତଥି ଆସୁଛନ୍ ରାଉର୍‌କେଲା ।

୨- ପବିତ୍ର ଅକ୍ଷୟ ତୃତୀୟା ଅବ୍‌ସରେ ସାରା ରାଏଜର୍ ଚାଷୀମାନେ ଧାନ ବୁନି କରି କଲେ ଅଖିମୁଠି ଅନୁକୂଳ ।

- ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ୍‌ଥି ସିଏମ୍ କିଷାନ୍ ଯୋଜ୍‌ନାର୍ ହିତାଧିକାରୀଙ୍କୁ ୮ ଶହ ୩୮ କୋଟିନୁ ଅଏତ୍‌କା ଟଙ୍କାର୍ ସାହାଜ୍ ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ଶ୍ରୀକ୍ଷେତ୍ର ପୁରୀ ନ ଆଏବା ରଥଯାତ୍ରା ଲାଗି ରଥକାଠ ହେଲା ଅନୁକୂଳ ।

- ଆଏଜ୍‌ଠାନୁ ମୁଲ୍ ହେଲା ମାହାପୁରୁମାନ୍‌କର୍ ବାହାରଚନ୍ଦନ୍ ଯାତ୍ରା ।

ଆଉର୍

୪- ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରା ଲାଗି ଉଠ୍‌ଲା ଥାଳ ।

## ରାଷ୍ଟ୍ରପତିଙ୍କର୍ ଓଡ଼ିଶା ଗସ୍ତ          ଆର୍ଏନ୍ୟୁ/ ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏବା କାଏଲ୍ ଦିନ୍କିଆ ରାଉର୍କେଲା ଗସ୍ତଥି ଆସୁଛନ୍ । ରାଷ୍ଟ୍ରପତିଙ୍କର୍ ଗସ୍ତକେ ନଜର୍ଥି ରଖିକରି ସୁନ୍ଦର୍ଗଡ଼୍ ଜିଲ୍ଲା ପ୍ରଶାସନ୍ ତର୍ଫୁ କାର୍କେଡ୍ ରିହଲ୍ସଲ୍ କରାଯିବାର୍ ସହେତେ ସବୁ ତିଆରି ଶେଷ୍ ଖେପେ ପୁହୁଁଚିଛେ । ରାଉର୍କେଲା ବିମାନ୍ ବନ୍ଦର୍ ପଡ଼ିଆ ନ କାର୍ଯ୍ୟକ୍ରମ୍ର ଆୟୋଜନ୍ ନେଇକରି ଭିଲ୍ ସବୁ ବ୍ୟବସ୍ଥା ହେଇଛେ । ଗସ୍ତ ସମିଆଥି ରାଷ୍ଟ୍ରପତି ଭିନ୍ ଭିନ୍ ପ୍ରକଳ୍ପର୍ ଉଦ୍ଘାଟନ୍ କର୍ବାର୍ କାର୍ଯ୍ୟସୂଚୀ ରହିଛେ ।

## ଅଖିତୃତୀୟା          ଆର୍ଏନ୍ୟୁ/  ସମ୍ବଲପୁର

ସରା ରାଏଜେ ଆଏଜ୍ କୃଷି ଭିତିକ ପରବ୍ ଅଖିତୃତୀୟାକେ ଉସତ୍ ଉସ୍ନାକିର୍ ସହେତେ ପାଲନ୍ କରାଯାଉଛେ । ବୈଶାଖି ମାସର୍ ଉଜଲ୍ ପଖର୍ ତୃତୀୟା ତିଥିକେ ଶୁଭ୍ଦିନ୍ ଭାବେ ଗଣନା କରିକରି ଆଏଜ୍ ବହୁତ୍ ପ୍ରକାରର୍ ଶୁଭ୍ କାମ୍ର ମୁଲ୍ କରାଯାଏସି । କୃଷିଭିତିକ୍ ଇ ତିହାର୍ଥି ଚାଷୀମାନେ ଅଖିମୁଠି

ଅନୁକୂଳ କର୍‌ସନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅଖିତୃତୀୟା ଅବ୍‌ସରେ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ବାର୍ତାଥି କହିଛନ୍, କୃଷିପ୍ରଧାନ୍ ରାଜ୍ୟ ଓଡ଼ିଶା ନ ଆଝିର୍ ଦିନେ ଚାଷ୍ କାମ୍ ମୁଲ୍ ହେସି । ଅନ୍ନଦାତା ଅଖିମୁଖି ଅନୁକୂଳ କରିକରି ଖେତ୍‌ମାନ୍‌କେ ସୁନାର୍ ଫସଲ୍ ଫଲାବାର୍‌କେ ସଂକଳ୍ପ ନେସନ୍ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ରାଜ୍ୟର୍ ସବୁ ଚାଷୀ ଭାଇବହେନ୍ ମାନ୍‌କୁ ଅଖିତୃତୀୟା ଅବ୍‌ସରେ ଶୁଭ୍‌କାମନା ଜନେଇଛନ୍ ।

ଅଖି ତୃତୀୟା- ମୁଖ୍ୟମନ୍ତ୍ରୀ ଆଇ.ଆଣ୍ଡ୍.ପି.ଆର୍

ସମୃଦ୍ଧ ଓଡ଼ିଶା ଗଢ଼୍‌ବାର୍‌ଥି ଚାଷୀମାନେ ହିଁ ଅସଲ୍ ସାରଥୀ ହେବେ । କେନ୍ଦ୍ର ଆଉ ରାଜ୍ୟର୍ ତାଲ୍‌ମେଲ୍‌ଥି ଓଡ଼ିଶା ଚାଷ୍ କ୍ଷେତ୍ରଥି ନୂଆଁ ଶିଘାକେ ପୁହୁଁଚିବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ପବିତ୍ର ଅଖିତୃତୀୟା ଆଉ ରାଜ୍ୟସ୍ତରୀୟ କୃଷକ୍ ଦିବସ୍ ଅବ୍‌ସରେ କଟକ୍ କେନ୍ଦ୍ରୀୟ ଧାନ୍ ଗବେଷଣା କେନ୍ଦ୍ର ନ ହେଇଥିବା ଖାସ୍ କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀ ୪୧ ଲାଖ୍ ନୁ ଅଏତ୍‌କା ଚାଷୀଙ୍କୁ

ସିଏମ୍ କିଷାନ୍ ଯୋଜ୍ନାଥି ୮ ଶହ ୩୮ କୋଟି ୪୮ ଲାଖ୍ ଟଙ୍କାର୍ ଆର୍ଥିକ୍ ସାହାଜ୍ ଦେଇଛନ୍ । ଇତାର୍ ସହେତେ ଚାଷ୍‌କେ ଆଧୁନିକ୍ ଆଉ ଲାଭ୍‌ଜନକ୍ କର୍‌ବାର୍ ଲାଗି ନୂଆଁ ପଦକ୍ଷେପ୍ ମାନ୍‌କର୍ ଭିଲ୍ ଘୋଷ୍‌ନା କରିଛନ୍ । ଧାନ୍ ଗବେଷଣା କେନ୍ଦ୍ର ପାଶେ ଥିବା ଚାଷ୍ ଜମିନ୍‌ଥି ମୁଖ୍ୟମନ୍ତ୍ରୀ ଭୂମି ପୂଜା କର୍‌ବାର୍ ସହେତେ ଅଖିମୁଠି ଅନୁକୁଳ କରିଥିଲେ । ଇତାର୍‌ସହେତେ କୃଷି ପ୍ରଦର୍ଶନୀ ବୁଲି ଦେଖିବାର୍ ଉତ୍‌ରୁ ଆମ ବିହନ ରଥ ଆଉ କୃଷି ରଥକେ ଭିଲ୍ ମୁଖ୍ୟମନ୍ତ୍ରୀ ଶୁଭାରମ୍ଭ କରିଛନ୍ । କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍, ରାଜ୍ୟର୍ ସାମାଜିକ୍ ଆଉ ଆର୍ଥିକ୍ ପ୍ରଗତିଥି ଚାଷୀ ପରିବାର୍‌ର ଅବଦାନ୍ ବହୁତ୍ ଜରୁରୀ ଆଏ । ଚାଷୀର୍ ଉନ୍ନତିଥି ହିଁ ଓଡ଼ିଶାର୍ ସାମଗ୍ରିକ୍ ଉନ୍ନତି ସମ୍ଭବ୍ ହେଇପାର୍‌ବା ।

୨୦୩୬ ସମୃଦ୍ଧ ଓଡ଼ିଶା ଲକ୍ଷ୍ୟ ପୁରା କର୍‌ବାର୍ ଲାଗି ସର୍‌କାର୍ ବୈଜ୍ଞାନିକ୍ ପଦ୍ଧତିଥି ଚାଷ୍ ଉପ୍‌ରେ ଅଏତ୍‌କା ଜୋର୍ ଦଉଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଚାଷୀ ଆଉ ଚାଷ୍‌ର ଉନ୍ନତି ଲାଗି ସର୍‌କାର୍ ସବୁବେଳେ ଚେରେଷ୍ଟା କରୁଛନ୍ । ଆଏବା ୧୦ ବଛର୍ ହେଉଛେ ସଂକଳ୍ପର୍ ବଛର୍

ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଗଲା ୨୨ ମାସ୍ ଭିତ୍ରେ ଚାଷ୍ର ଅଭିବୃଦ୍ଧି ହାର ୫ ଦଶ୍ମିକ୍ ୩ ପ୍ରତିଶତ୍ଥି ପୁହୁଁଚିଛେ । ଯେନ୍ଟା ଜାତୀୟ ହାର୍ ୪ ଦଶ୍ମିକ୍ ୪ ପ୍ରତିଶତ୍ନୁ ବହୁତ୍ ଅଏତ୍କା ଆଏ । ଯେନ୍ଟା ସର୍କାର୍ଙ୍କର୍ ସଠିକ୍ ନୀତି ଆଉ ଚାଷୀ ଭାଇ ବହେନ୍ ମାନ୍କର୍ ଉନ୍ନତି ମନୋଭାବ୍କେ ଦେଖଉଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ଇ ବଛର୍ ରାଏଜେ ଶହେ ୫୦ ଲାଖ୍ ମେଟ୍ରିକ୍ ଟନ୍ ନୁ ଅଏତ୍କା ଖାଦ୍ୟ ଶସ୍ୟ ଉତ୍ପାଦନ୍ କରିକରି ସର୍କାର୍ ନୂଆଁ ରେକର୍ଡ଼ କରିଛନ୍ । ସିଏମ୍ କିଷାନ୍ ଯୋଜ୍ନାଥି ରାଜ୍ୟର୍ ୯୨ ପ୍ରତିଶତ୍ ଛୋଟ୍, ନାମମାତ୍ର ଚାଷୀ ଆଉ ଜମିନ୍ ନାଇଁଥିବା ଚାଷୀ ପରିବାର୍ଙ୍କୁ ସାମିଲ୍ କରାଯାଇଛେ । ପୁର୍ନା ଆଉ ନୂଆଁ ଜ୍ଞାନ୍କେ ଅପ୍ନେଇକରି ଚାଷ୍ କର୍ବାର୍କେ ମୁଖ୍ୟମନ୍ତ୍ରୀ ଇ ଅବ୍ସରେ ଆହ୍ୱାନ୍ ଦେଇଛନ୍ ।

ବାଚସ୍ପତି ବୈଠକ୍          ଆଇ ଆଣ୍ଡ ପି.ଆର୍

ସମ୍ବିଧାନ୍ର ଦଶମ ଅନୁସୂଚୀ ଅନ୍ସାରେ ପୁରୀ ଠାନେ ଆଏବାକାଏଲ୍ ବାଚସ୍ପତିଙ୍କର୍ କାମ୍କାଜ୍ ବାବଦ୍ ଗୁଟେ

କମିଟିର୍ ବୈଠକ୍ ହେବା । ଇଥି ମହାରାଷ୍ଟ୍ର, ଓଡ଼ିଶା, ନାଗାଲାଣ୍ଡ ବିଧାନ୍‌ସଭାର୍ ବାଚସ୍ପତି ମାନେ ଯୋଗ୍ ଦେବେ । ସମ୍ବିଧାନ୍‌ର ଦଶମ ଅନୁସୂଚୀ ଅନ୍‌ସାରେ ଦଲ୍‌ବଦଲ୍ ନିରୋଧ୍ ଆଇନ୍‌ର ଭିନ୍ ଭିନ୍ ଦିଗ୍ ବାବ୍‌ଦେ ଆଲୋଚନା ହେବା । ସମ୍ମିଲନୀଥି ଲୋକ୍‌ସଭା ଆଉ ବିଧାନ୍‌ସଭାର୍ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ ବଲି ଜନାପଡ଼ିଛେ ।

ରଥକାଠ ଅନୁକୂଳ   ପୁରୀ ସମ୍ବାଦଦାତା

ପବିତ୍ର ଅକ୍ଷୟତୃତୀୟା ଅବ୍‌ସରେ ଶ୍ରୀକ୍ଷେତ୍ର ପୁରୀ ନ ମାହାପୁରୁମାନ୍‌କର୍ ରଥଯାତ୍ରା ଲାଗି ଆଏଜ୍ ତିନ୍‌ହି ରଥର୍ ତିଆରି କାମ୍ ମୁଲ୍ ହେଇଛେ । ମଧ୍ୟାହ୍ନ ଧୂପ ସର୍‌ବାର୍ ଉତ୍‌ରୁ ପୂଜାପଣ୍ଡା ସେବକ୍ ମାନେ ଆଜ୍ଞାମାଳ ବିଜେ କରିକରି ରଥଖଲା ନ ପୁହୁଁଚିବାର୍ ଉତ୍‌ରୁ ସେଠାନେ ରଥକାଠ ଅନୁକୂଳ ନୀତି କରାଯାଇଥିଲା । ତାର୍ ଆଘୋନୁ ରଥଖଲା ନ ବନଜାଗ ପଦ୍ଧତି ଅନ୍‌ସାରେ ପୂଜା କରାଯାଇକରି ରଖାଯାଇଥିବା ୩ ଖଁଡ଼୍ ଧଉରା କାଠ୍ ନ ଟଙ୍ଗିଆ ଚୋଟ୍ ଦେଇକରି ରଥ ତିଆର୍ ଅନୁକୂଳ କରାଯାଇଥିଲା । ଇ ଅବ୍‌ସରେ ଶ୍ରୀମନ୍ଦିର୍ ମୁଖ୍ୟ

ପ୍ରଶାସକଙ୍କର୍ ସହେତେ ଜିଲ୍ଲାପାଲ୍, ଆରକ୍ଷୀ ଅଧିକ୍ଷକ୍ ପ୍ରମୁଖ ଉପସ୍ଥିତ୍ ଥିଲେ । ଇତାର୍‌ସହେତେ ପୁରୀ ନରେନ୍ଦ୍ର ପୋଖରୀ ଠାନେ ଆଏଜ୍‌ଠାନୁ ୨୧ ଦିନ୍‌ତକ୍ ମାହାପୁରୁମାନ୍‌କର୍ ବାହାର ଚନ୍ଦନ୍ ଯାତ୍ରା ହେବା । ପୁଷ୍କରିଣୀ ନ ସଜେଇ ହେଇଥିବା ଚାପ ଡଙ୍ଗା ନନ୍ଦା ଆଉ ଭଦ୍ରା ନ ମାହାପୁରୁମାନେ ବିରାଜ୍‌ମାନ୍ ହେଇକରି ନୌକା ବିହାର୍ କର୍‌ବେ । ଇଥିର୍‌ଲାଗି ପୁରୀ ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍‌ଫୁ ଖାସ୍ ନୀତି ନିର୍ଘଂଟ ତିଆର୍ ହେଇଛେ ।

ଶୀତଲଷଷ୍ଠୀ ଥାଳ ଉଠା ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁରର ପ୍ରସିଦ୍ଧ ଶୀତଲଷଷ୍ଠୀ ଯାତ୍ରାର ପହେଲା ପରବ ଥାଳ ଉଠା ଆଏଜ୍ ହେଉଛେ । ଦେବ ଦମ୍ପତିଙ୍କର ବିହା ଆଉ ଶୀତଲଷଷ୍ଠୀ ଯାତ୍‌ରା ଲାଗି ପାରମ୍ପରିକ ରୀତିନୀତି ଅନ୍‌ସାରେ ଥାଳ ଉଠା ଯାଇ କରି ବିହା ର ନୀତି ନିର୍ଘଂଟ ତିଆର୍ ହେଇଛେ । ନନ୍ଦପଡ଼ାର୍ ବମ୍ ବରାଡ଼ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ା ଶ୍ରୀଲୋକନାଥ ବାବା ଆଉ ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବାଙ୍କର ସହେତେ ସବୁ ଯାତ୍‌ରା କମିଟି ତର୍‌ଫୁ

ଥାଲ ଉଠା ଯାଇଛେ । ଇତାର୍ ସହେତେ କନ୍ୟା ପିତାମାତା ଭିଲି ବଛାଯାଇଛେ । ଥାଲ ଉଠାଯିବାର୍ ଉତ୍ରୁ ନିଜର୍ ନିଜର ପଡ଼ାନ ପୂଝାରୀମାନେ ଥାଲ ଧରି କରି ବୁଲିଛନ୍ । ଥାଲ ଉଠବାର୍ ମାସେ ଉତ୍ରୁ ଶୀତଳଷଷ୍ଠୀ ଯାତ୍ରା ହେବା ।

ଅଖିତୃତୀୟା- ଜିଲ୍ଲା ସୁବର୍ଣ୍ଣପୁର/ବୌଦ୍ଧ/ନୂଆପଡ଼ା

ପବିତ୍ର ଅଖିତୃତୀୟା ଅବ୍ସରେ ସୁବର୍ଣ୍ଣପୁର୍ ଜିଲ୍ଲା ବିଜ୍ଞାନ୍ କେନ୍ଦ୍ର ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିରିକ୍ତ ଜିଲ୍ଲାପାଲ୍ ଏଞ୍ଜଲିନା ପ୍ରଧାନ୍ ଯୋଗ୍ ଦେଇକରି ଅଖିମୁଠି ଅନୁକୂଳ କର୍ବାର୍ ସହେତେ ଚାଷୀମାନ୍‌କର୍ କମାନୀକେ ବଢ଼ାବାର୍ ବାବ୍‌ଦେ ଜୋର୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା ପାଲ୍‌ଝର୍‌ଠାନେ ଅତିରିକ୍ତ ଜିଲ୍ଲାପାଲ୍ ଅନିରୁଦ୍ଧ ପ୍ରଧାନ୍ ଯୋଗ୍ ଦେଇକରି ପାରମ୍ପାରିକ୍ ରୀତିନୀତିଥି ପୂଜା ପାଠ୍ ଉତ୍ରୁ ଅଖିମୁଠି ଅନୁକୂଲ୍ କରିଛନ୍ ।

ନୂଆପଡ଼ା ଜିଲ୍ଲା ସଦର୍ ବ୍ଲକ୍ ବେଲ୍‌ଟୁକ୍‌ରୀ ଗାଁ ନ କୃଷକ୍ ମୋର୍ଚ୍ଚା ସଭାପତି ରତନ୍ ଚନ୍ଦ୍ରକାର୍ ଯୋଗ୍‌ଦେଇକରି ଅଖିମୁଠି ଅନୁକୂଳ କରିଛନ୍ ।

## ଅଭିଯୋଗ୍ ଶୁଣାଣି ଝାର୍‌ସୁଗୁଡ଼ା/ ଦେବ୍‌ଗଡ଼୍/ ସମ୍ବଲପୁର

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲା ନ ଜିଲ୍ଲାପାଲ୍ ଆଉ ଆରକ୍ଷୀ ଅଧିକ୍ଷକ୍‌ଙ୍କର୍ ଯୁଗ୍ମ ଜନଶୁଣାଣି ଶିବିର ଆଏଜ୍ ହେଇଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ନାକଟିଦେଉଲ୍ ବ୍ଲକ୍ ଠାନେ ହେଇଥିବା ଜନଶୁଣାଣି ଶିବିର୍‌ଥି ୪୩ ଟା ଅଭିଯୋଗ୍ ଆସିଥିଲା । ଶିବିର୍‌ଥି ରେଡ଼୍‌କ୍ରସ୍ ତର୍‌ଫୁ ଝନ୍‌କୁ ୧୦ ହଜାର୍ ଟଙ୍କାର୍ ସାହାଜ୍ ଦିଆଯାଇଥିଲା ।

ଝାର୍‌ସୁଗୁଡ଼ା ଜିଲ୍ଲା କୁଲାବିରା ବ୍ଲକ୍ କାର୍ଯ୍ୟାଳୟ ପରିସର୍ ନ ହେଇଥିବା ଜନଶୁଣାଣି ଶିବିର୍‌ଥି ୩୦ ଟା ଅଭିଯୋଗ୍ ଆସିଥିଲା ।

ଦେବ୍‌ଗଡ଼୍ ଜିଲ୍ଲା ତିଲେଇବଣି ବ୍ଲକ୍ ଗଣ୍ଡମ୍ ଗ୍ରାମ୍ ପଂଚାୟତ୍ ସମ୍ମିଳନୀ କକ୍ଷ ନ ହେଇଥିବା ଶିବିର୍‌ଥି ୫୦ ଟା ଅଭିଯୋଗ୍ ଆସିଥିଲା ।

ଶିବିର୍ ମାନ୍‌କେ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକ ମାନେ ଅଭିଯୋଗ୍ ମାନ୍‌କୁ ଗ୍ରହଣ୍ କରିକରି ତୁର୍‌ତି ସମାଧାନ୍ କର୍‌ବାର୍‌କେ ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ଶ୍ରୀ ଜୟଦେବ୍ ଜୟନ୍ତୀ ବୌଦ୍ଧ ସମ୍ବାଦଦାତା

ଗୀତ ଗୋବିନ୍ଦର ଅମର ସ୍ରଷ୍ଟା, ମାହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ସେବକ ଭକ୍ତକବି ଜୟଦେବଙ୍କର୍ ଜୟନ୍ତୀ ଆଏଜ୍ ସାରା ରାଏଜେ ପାଲନ୍ କରାଯାଉଛେ । ଶ୍ରୀ ଗୀତ ଗୋବିନ୍ଦର ଅମୃତମୟ ବାଣୀ ଓଡ଼ିଶାର୍ ଆଧ୍ୟାତ୍ମିକତା ଆଉ ଶ୍ରୀଜଗନ୍ନାଥ୍ ସଂସ୍କୃତିର୍ ଗୁଟେ ଅଭିନ୍ନ ଅଙ୍ଗ ଆଏ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭକ୍ତକବି ଜୟଦେବଙ୍କ ଜୟନ୍ତୀ ଅବ୍‌ସରେ ତାଙ୍କୁ ସୁର୍‌ତା କରିକରି କହିଛନ୍, ମହାକବିଙ୍କର୍ କାଳଜୟୀ ସାହିତ୍ୟ ଆମର୍ ଭାଷା, ଗୀତ୍ ଆର୍ ନାଚ୍ ପରମ୍ପରାକେ ବରକସ୍

କର୍‌ବାର୍ ସହେତେ ସାରା ପୁର୍‌ଥି ନ ଓଡ଼ିଆ ଅସ୍ମିତାକେ ବଢ଼େଇଛେ । ଇ ଅବ୍‌ସରେ ଭିନ୍ ଭିନ୍ ଜାଗା ନ ସାହିତ୍ୟ ଆଲୋଚନାଚକ୍ରମାନ୍ ଆୟୋଜନ୍ କରାଯାଇଛେ । ବୌଦ୍ଧ ଜିଲ୍ଲା ଟାଉନ୍‌ହଲ୍ ଠାନେ ହେଇଥିବା କାର୍ଯ୍ୟକ୍ରମ୍‌ଥି ଅତିଥିମାନେ କବି ଜୟଦେବଙ୍କର୍ ଲିଖିତ ଗୀତଗୋବିନ୍ଦ ଆଉ ଦଶାବତାର୍ ବାବ୍‌ଦେ ଆଲୋଚନା କରିଛନ୍ ।

ଭୋଟର୍ ମାନ୍‌କର୍ ଯାଂଚ୍ ନିର୍ଦ୍ଦେଶ୍ କଟକ୍ ସମ୍ବାଦଦାତା

ରାଏଜେ ଜନଗଣନା କାର୍ଯ୍ୟକ୍ରମ୍ ଜାରି ରହିଛେ । ଏବ୍‌ତକ୍ ୯ ଲାଖ୍ ୮ ହଜାର୍‌ନୁ ଅଏତ୍‌କା ଭୋଟର୍‌ଙ୍କର୍ ନାଁ ତାଲିକାନୁ ବାଦ୍ ପଡ଼ିଛେ ବଲି ଗୃହ ବିଭାଗ୍ ତର୍‌ଫୁ ସୂଚ୍‌ନା ମିଲିଛେ । ବଂଚିଥିବାର୍ ଆଉ ସ୍ଥାନୀୟ ଇଲାକାର୍ ବହୁତ୍‌ଟେ ବହୁତ୍‌ଟେ ଭୋଟର୍‌ମାନ୍‌କର୍ ନାଁ କଟାଯାଇଥିବାର୍ ଅଭିଯୋଗ୍ ଉତ୍‌ରୁ ଫେର୍‌ଥରେ ଯାଂଚ୍ କର୍‌ବାର୍‌କେ ବିଭାଗ୍ ତର୍‌ଫୁ ଇ.ଆର.ଓ. ଙ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ । ସନ୍ଦେହଜନକ୍ ଆଉ ତଥ୍ୟଥି ଭୁଲ୍ ଥିଲେ ନୋଟିସ୍ କରିକରି ଯାଂଚ୍ କରାଯିବା । ଫର୍ମ -୭

ଆବେଦନ୍‌ର ୫୦ ପ୍ରତିଶତ୍ ମାମ୍‌ଲାଥି ବ୍ୟକ୍ତିଗତ ଯାଂଚ୍ ବାଧ୍ୟତାମୂଲକ୍ କରାଯାଇଛେ ।

ଗ୍ରୀଷ୍ମକାଲୀନ ଟ୍ରେନ୍ ଏନ୍‌ଏସ୍‌ଡି

ଭାରତୀୟ ରେଲ୍‌ବାଇ ତର୍‌ଫୁ ଆଏବା ୩ ମାସ୍ ଭିତ୍‌ରେ ଦେଶେ ୧୮ ହଜାର୍ ୨ ଶହ ୬୨ ଟା ଖରାଦିନିଆ ଟ୍ରେନ୍ ଯାତ୍ରା ପରିଚାଲନା କର୍‌ବା । ଯାତ୍ରୀମାନ୍‌କର୍ ବଢୁଥିବା ଚାହିଦାକେ ନଜର୍‌ଥି ରଖିକରି ଆଉ ସେମାନ୍‌କର୍ ସୁବିଧା, ସୁଗମ୍ ଯାତ୍ରା ଲାଗି ଇସବୁ ଟ୍ରେନ୍ ସାହାଜ୍ କର୍‌ବା । ରେଲ୍‌ମନ୍ତ୍ରଣାଳୟର୍ ସୂଚ୍‌ନା ଅନ୍‌ସାରେ, ଇ ବଛର୍ ଏପ୍ରିଲ୍ ୧୫ ନୁ ଜୁଲାଇ ୧୫ ତାରିଖ୍‌ତକ୍ ମୋଟ୍ ୯ ଶହ ୮ ଟା ଗ୍ରୀଷ୍ମକାଲୀନ ଖାସ୍ ଟ୍ରେନ୍‌କେ ଅନୁମୋଦନ୍ କରାଯାଇଛେ । ଯେନ୍‌ଟା ବର୍ଦ୍ଧିତ ଯାତ୍ରା ଚାହିଦାକେ ପୁରା କର୍‌ବାର୍ ଲାଗି ୧୮ ହଜାର୍ ୨ ଶହ ୬୨ ଯାତ୍ରା ପରିଚାଲନା କର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖରାର୍ ପ୍ରଭାବ୍ ବଡ଼୍‌ବାର୍‌କେ ଲାଗିଛେ । ହିଟ୍‌ୱେଭ୍‌କେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଭିନ୍ ଭିନ୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଦେବ୍‌ଗଡ଼୍, ବଲାଙ୍ଗିର୍, ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଧୁକାଗର୍ଡ଼ି ସାଙ୍ଗେ ବର୍ଷା ସମ୍ଭାବନା ରହିଛେ ବଲି କେନ୍ଦ୍ର ତର୍‌ଫୁ କୁହାଯାଇଛେ । ରାଜ୍ୟର୍ ସବୁନୁ ଜହ ତାତି ଝାର୍‌ସୁଗୁଡ଼ା ନ ୪୨ ଦଶ୍‌ମିକ୍ ୪ ଡିଗ୍ରୀ ରେକର୍ଡ଼ କରାଯାଇଥିବାର୍ ବେଲେ ୧୪ଟା ସହରର୍ ତାତି ୪୦ ଡିଗ୍ରୀ ଉପ୍‌ରେ ରହିଥିଲା ।